| | भारतीय प्रौद्योगिकी संस्थान भुवनेश्वर<br>**Indian Institute of Technology Bhubaneswar** |
|---|---|

**Press Release**

# ଆଇଆଇଟି ଭୁବନେଶ୍ୱରର ସିଏସଆର ସେଲ୍ ପକ୍ଷରୁ
# ୨୭ ଫେବୃଆରୀରେ ପ୍ରଥମ ସିଏସଆର କନକ୍ଲେଭ

**ଭୁବନେଶ୍ୱର, ୨୪ ଫେବୃଆରୀ ୨୦୨୪:** ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱରର ସିଏସଆର ସେଲ୍ ପକ୍ଷରୁ ୨୭ ଫେବୃଆରୀ ୨୦୨୪ ରେ ସର୍ବପ୍ରଥମ ସିଏସ୍ଆର୍ କନକ୍ଲେଭ ଆୟୋଜିତ ହେବାକୁ ଯାଉଛି। 'ଏକ ସ୍ଥାୟୀ ପ୍ରଭାବ ପାଇଁ ଐକବଦ୍ଧ ଉଦ୍ୟମ' ଶୀର୍ଷକରେ ଏହି କନକ୍ଲେଭର ଆୟୋଜନ କରାଯାଉଛି ।

ଏହି ଏକ-ଦିବସୀୟ ସିଏସ୍ଆର୍ କନକ୍ଲେଭରେ ବିଶିଷ୍ଟ ଶିଳ୍ପପତି, ସିଏସ୍ଆର୍ ବିଶେଷଜ୍ଞ ଏବଂ ନୀତି ନିର୍ଣ୍ଣୟକାରୀ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ଜିନ୍ଦଲ୍ ଷ୍ଟିଲ୍ ଆଣ୍ଡ ପାୱାର୍ ଲିମିଟେଡର ସଭାପତି ତଥା ଗ୍ରୁପ୍ ହେଡ୍-ସିଏସ୍ଆର୍, ଶିକ୍ଷା ଏବଂ ହେଡ୍ (ନିଗମ ସଂଚାର), ଡକ୍ଟର ପ୍ରଶାନ୍ତ କୁମାର ହୋତା ମୁଖ୍ୟ ଅତିଥି ଭାବରେ ଏହି ଉତ୍ସବରେ ଯୋଗଦାନ କରିବେ। ଉଲ୍ଲେଖଯୋଗ୍ୟ ଯେ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର୍ ଲିମିଟେଡ୍ ଯୋଜନାବଦ୍ଧ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସଆର) ପଦକ୍ଷେପ ମାଧ୍ୟମରେ ଓଡିଶାର ଏହାର ପାରିପାର୍ଶ୍ୱିକ ସ୍ଥିତିରେ ଲୋକଙ୍କ ବିକାଶ ଦିଗରେ କାର୍ଯ୍ୟ କରିଆସୁଛି। ନିକଟରେ, ନାବାର୍ଡ୍ ସହଯୋଗରେ ସମନ୍ୱିତ ଜଳସେଚନ ପରିଚାଳନା ପ୍ରକଳ୍ପ ମାଧ୍ୟମରେ ଓଡିଶାର ଅନଗୁଳରେ କୃଷକଙ୍କ ବିକାଶରେ ଉଲ୍ଲେଖନୀୟ ଅବଦାନ ପାଇଁ ଜଳ ସଂରକ୍ଷଣ ଏବଂ ପରିଚାଳନା ବର୍ଗରେ କମ୍ପାନୀକୁ ସିଏସ୍ଆର୍ ଆଣ୍ଡ ସଷ୍ଟେନେବିଲିଟି ଆୱାର୍ଡ ୨୦୨୪ ରେ ସମ୍ମାନିତ କରାଯାଇଛି। |

ଓଡ଼ିଶା ସିଏସଆର ଫୋରମର କନଭେନର ଶ୍ରୀ ବି.କେ. ମିଶ୍ର ମଧ୍ୟ କନକ୍ଲେଭରେ ପ୍ଲେନାରି ବକ୍ତା ଭାବରେ ଯୋଗଦେବେ। 'ସ୍ଥାୟୀ ପ୍ରଭାବ ପାଇଁ ଐକ୍ୟବଦ୍ଧ ଉଦ୍ୟମ: ସିଏସଆର ସମ୍ବନ୍ଧରେ ଏକ କର୍ପୋରେଟ୍ ଦୃଷ୍ଟିକୋଣ' ଏବଂ 'ସାମାଜିକ ପ୍ରଭାବ ପାଇଁ ସହଯୋଗ' ଉପରେ ପ୍ୟାନେଲ୍ ଆଲୋଚନା ଏହି କାର୍ଯ୍ୟକ୍ରମର ଏକ ଅଂଶ ହେବ, ଯେଉଁଥିରେ ସିଏସ୍ଆର୍ କ୍ଷେତ୍ରରେ ବିଭିନ୍ନ ଶିଳ୍ପାନୁଷ୍ଠାନ ତଥା ଏନଜିଓ, ଶିକ୍ଷାନୁଷ୍ଠାନ ଏବଂ ସରକାରୀ ଏଜେନ୍ସିର ପ୍ରତିନିଧିମାନେ ସହବନ୍ଧିତ ଓ ସହଯୋଗୀ ଆଭିମୁଖ୍ୟ ମାଧ୍ୟମରେ କର୍ପୋରେଟ ସାମାଜିକ ଦାୟିତ୍ୱବୋଧର ବୃହତ ଉଦ୍ଦେଶ୍ୟ ଉପରେ ବିଚାରବିମର୍ଶ କରିବେ। ଏହି କନକ୍ଲେଭରେ ବିଭିନ୍ନ ଅନୁଷ୍ଠାନର ପ୍ରତିନିଧିଙ୍କ ଦ୍ୱାରା ଗବେଷଣାମୂଳକ ଉପସ୍ଥାପନା ସମ୍ବଳିତ ଏକ କର୍ମଶାଳା ଅଧିବେଶନ ମଧ୍ୟ ଅନୁଷ୍ଠିତ ହେବ।

ଏହି କନକ୍ଲେଭ ବିଷୟରେ ସୂଚନା ଦେଇ ଆଇଆଇଟି ଭୁବନେଶ୍ୱର ଅନ୍ତର୍ଗତ ସିଏସ୍ଆର୍ ସେଲର ପ୍ରଫେସର-ଇନ୍-ଚାର୍ଜ ତଥା କାର୍ଯ୍ୟକ୍ରମର କନଭେନର ପ୍ରଫେସର ନରେଶ ଚନ୍ଦ୍ର ସାହୁକହିଛନ୍ତି: "'ସ୍ଥାୟୀ ପ୍ରଭାବ ପାଇଁ ଐକ୍ୟବଦ୍ଧ ଉଦ୍ୟମ' ବିଷୟବସ୍ତୁ ଉପରେ ଆୟୋଜିତ ହେବାକୁ ଯାଉଥିବା ଏହି ସିଏସଆର କନକ୍ଲେଭ ୨୦୨୪, ବିଭିନ୍ନ ଶିଳ୍ପ ବିଶେଷଜ୍ଞ, ଶିକ୍ଷାବିତ ଏବଂ ସିଏସଆର କ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତିବିଶେଷଙ୍କ ପାଇଁ ଏକ ମଞ୍ଚରେ ସମବେତ ହୋଇ ଧାରଣା ଆଦାନ ପ୍ରଦାନ ଏବଂ ଅର୍ଥପୂର୍ଣ୍ଣ ପରିବର୍ତ୍ତନର ସୂତ୍ରପାତ ଦିଗରେ ସହଯୋଗମୂଳକ ଭାବେ ଆଗକୁ କାର୍ଯ୍ୟ କରିବାକୁ ଅବସର ପ୍ରଦାନ କରିବ। ଏହା ଶିଳ୍ପାନୁଷ୍ଠାନର ପ୍ରତିନିଧିମାନଙ୍କୁ ପରିବର୍ତ୍ତନକାରୀ ତଥା ନିରନ୍ତର ବିକାଶ କ୍ଷେତ୍ରରେ କାର୍ଯ୍ୟରତ ବିଶେଷଜ୍ଞମାନଙ୍କ ସହ ସହଯୋଗିତା ସ୍ଥାପନ ପାଇଁ ଏକ ସୁଯୋଗ ପ୍ରଦାନ କରିବ ବୋଲି ଆଶା କରାଯାଉଛି।"

ସିଏସ୍ଆର୍ କନକ୍ଲେଭ ୨୦୨୪ରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ରିସର୍ଚ୍ଚ ସ୍କଲାର, ଶିଳ୍ପାନୁଷ୍ଠାନର ପ୍ରତିନିଧି, ଚେଞ୍ଜମେକର୍, ନିରନ୍ତର ବିକାଶ ବିଶେଷଜ୍ଞ, ଶିକ୍ଷାବିତ, ସରକାରୀ ଅନୁଷ୍ଠାନର ପ୍ରତିନିଧି ତଥା ସାମାଜିକ କର୍ପୋରେଟ ଦାୟିତ୍ୱବୋଧ ମାଧ୍ୟମରେ ସମାଜରେ ସକରାତ୍ମକ ପରିବର୍ତ୍ତନ ଏବଂ ନିରନ୍ତର ବିକାଶ ଦିଗରେ ପ୍ରୟାସ ପାଇଁ ଆଗ୍ରହୀ ନିବେଶକ ଅଂଶ ଗ୍ରହଣ କରିବେ।

------------------